# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 June – 2024**

---

## ପାର୍ଲାମେଣ୍ଟ ସେସନ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ । ଅସ୍ଥାୟୀ ବାଚସ୍ପତି ଭାବେ ନିଯୁକ୍ତ ହୋଇଥିବା ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ । ଆସନ୍ତା ୨୬ ତାରିଖରେ ଲୋକସଭାର ବାଚସ୍ପତି ନିର୍ବାଚନ ହେବ । ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ରାଜ୍ୟସଭାର ଅଧିବେଶନ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବ ।

## ନିଟ୍ ୟୁଜିସି ନେଟ୍ ପରୀକ୍ଷା ଅନିୟମିତତା

ନିଟ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗ ହେବା ପରେ କେନ୍ଦ୍ର ସରକାର ଜାତୀୟ ପରୀକ୍ଷଣ ସଂସ୍ଥାନ ଏନ୍‌ଟିଏର ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂହଙ୍କୁ ପଦରୁ ଅବ୍ୟାହତି ଦେଇଛନ୍ତି । ତାଙ୍କ ସ୍ଥାନରେ ଇଣ୍ଡିଆନ୍ ଟ୍ରେଡ୍ ପ୍ରମୋସନ ଅର୍ଗାନାଇଜେସନର ସିଏମ୍‌ଡି ପ୍ରଦୀପ ସିଂହ ଖୋରଲାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଅପରପକ୍ଷରେ ଏହି ମାମଲାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଛି ।

ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହେଉଥିବ ପ୍ରବେଶିକା ପରୀକ୍ଷାରେ ଦୁର୍ନୀତି ରୋକିବାକୁ ସରକାର ଏକ ଆଇନ୍ କାର୍ଯ୍ୟକାରୀ କରିଛନ୍ତି । ଏହା ଅନୁସାରେ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ସର୍ବାଧିକ ୧୦ବର୍ଷ ଜେଲ୍‌ଦଣ୍ଡ ସହ ୧ କୋଟି ଟଙ୍କାର ଜୋରିମାନା କରାଯିବ । ସୂଚନା ଅନୁସାରେ ଦ ପବ୍ଲିକ ଏକ୍‌ଜାମିନେସନ (ପ୍ରିଭେନ୍‌ସନ ଅଫ୍ ଅନ୍‌ଫେୟାର ମିନ୍‌ସ) ଆଇନ୍ ୨୦୨୪ ଗତ ଫେବୃୟାରୀ ୧୩ରେ ସଂସଦରେ ଗୃହୀତ ହେବା ପରେ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଥିଲେ । ସରକାର ଏହି ଆଇନ୍‌ର କାର୍ଯ୍ୟକାରୀତା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ସେହିଭଳି ଜାତୀୟ ପରୀକ୍ଷଣ ସଂସ୍ଥାନ ଏନ୍‌ଟିଏ ଦ୍ୱାରା ଆୟୋଜିତ ହେଉଥିବା ପରୀକ୍ଷା ଗୁଡ଼ିକରେ ସଂସ୍କାର ଆଣିବା ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ପରୀକ୍ଷାଗୁଡ଼ିକୁ ସ୍ୱଚ୍ଛ, ଅବାଧ ଓ ତ୍ରୁଟିଶୂନ୍ୟ କରାଇବା ନେଇ ସରକାର ସଂକଳ୍ପବଦ୍ଧ । ପରୀକ୍ଷା ପ୍ରକ୍ରିୟାରେ ସୁଧାର ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଏବଂ ଉଜ୍ଜ୍ୱଳ ଭବିଷ୍ୟତକୁ ସବୁବେଳେ ପ୍ରାଥମିକତା ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଅପରପକ୍ଷରେ ଆଜି ଅନୁଷ୍ଠିତ ହେବାକୁ ଥିବା ନିଟ୍-ପିଜି ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଖୁବ୍‌ଶୀଘ୍ର ଏହି ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁହାଯାଇଛି ।

## ଜିଏସ୍‌ଟି ପରିଷଦ ବୈଠକ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ ୫୩ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଇସ୍ପାତ, ଲୁହା, ଆଲୁମିନିୟମ, କାଗଜବୋଟ୍, ସୌରକୁକର ଓ ସିଞ୍ଚନ ଯନ୍ତ୍ର ଆଦି ସାମଗ୍ରୀ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସୁପାରିଶ କରାଯାଇଛି । ୨୦୧୭ ଜୁଲାଇ ପହିଲାରୁ ଆମଦାନୀ ଉପରେ ଆଦାୟ କରାଯାଉଥିବା କ୍ଷତିପୂରଣ ସେସକୁ ଛାଡ କରିବା ପାଇଁ ମଧ୍ୟ ସୁପାରିଶ କରାଯାଇଛି । ଟିକସଦାତାଙ୍କ ସୁଧ ବୋଝକୁ କମ୍ କରିବା ପାଇଁ ରିଟର୍ଣ୍ଣ ଫାଇଲ କରିବାର ନିର୍ଦ୍ଧାରିତ ତାରିଖରେ ବିଳମ୍ବ ହେଲେ ସିଜିଏସ୍‌ଟି ଧାରା ୫୦ ଅନୁଯାୟୀ ସୁଧ ଆଦାୟ ନକରିବାକୁ ପରିଷଦ ବୈଠକରେ ନିଷ୍ପତ୍ତି କରାଯାଇଛି ।

## ଅଲାରନାଥ ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅନବସର ସେବା ଆଜିଠାରୁ ଆରମ୍ଭ ହେଉଛି । ଏହି ଅବସରରେ ଶ୍ରଦ୍ଧାଳୁ ପ୍ରଭୁ ଅଲାରନାଥଙ୍କର ଦର୍ଶନ ପାଇପାରିବେ । ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ଅଲାରନାଥଙ୍କ ପୀଠରେ ବହୁସଂଖ୍ୟାରେ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସ୍ନାନମଣ୍ଡପରେ ଗତକାଲି ଶ୍ରୀଜୀଉ ଶ୍ରଦ୍ଧାଳୁମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ

ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ । ଆଗାମୀ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ ପାଇଁ ଏବଂ ସମଗ୍ର ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିବା କହିଥିଲେ । ଶୃଙ୍ଖଳିତ ଭାବେ ଭକ୍ତମାନେ ଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ ।

## ଦାୟିତ୍ୱରୁ ଅବ୍ୟାହତି

ରାଜ୍ୟର ବିଭିନ୍ନ ସରକାରୀ ନିଗମରେ ନିଯୁକ୍ତି ପାଇଥିବା ଅଧ୍ୟକ୍ଷମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱରୁ ମୁକ୍ତ କରିଛନ୍ତି । ଏହି ଅଧ୍ୟକ୍ଷମାନଙ୍କ ଯୋଗୁଁ ନିଗମ ଗୁଡ଼ିକର ପରିଚାଳନାରେ କୌଣସି ଗୁଣାତ୍ମକ ଉନ୍ନତି ପରିଲକ୍ଷିତ ହେଉନଥିବାରୁ ସେମାନଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

# ବୈଠକ

ଭଦ୍ରକଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ବିପର୍ଯ୍ୟୟ ମୁକାବିଲା ନେଇ ଆଲୋଚନା ହୋଇଛି । ଏଥିରେ ବନ୍ୟା, ବାତ୍ୟା ପୂର୍ବରୁ ଶାଳନ୍ଦୀ, ବୈତରଣୀ ପ୍ରମୁଖ ନଦୀଗୁଡ଼ିକର ବନ୍ଧ ନିର୍ମାଣ, ଜଳ ନିଷ୍କାସନ, ଉଦ୍ଧାର ଓ ରିଲିଫ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । ଏହି ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ ଏବଂ ବିଧାୟକ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଯାନବାହନ-କଟକଣା

କଟକ ଜିଲ୍ଲାରେ ଲଘୁ ଖଣିଜପଦାର୍ଥ ପରିବହନ କରୁଥିବା ଯାନବାହନ ଗୁଡ଼ିକ ଉପରେ ଜିଲ୍ଲାପାଳ କଟକଣା ଲାଗୁ କରିଛନ୍ତି । ଖଣିଜ ଦ୍ରବ୍ୟଗୁଡ଼ିକୁ ବନ୍ଦ କଣ୍ଟେନର ମାଧ୍ୟମରେ ପରିବହନ କରାଯାଉନଥିବାରୁ ସାଧାରଣ ଜନତା ରାସ୍ତାରେ ଯାତାୟତ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ପରେ ଏହି ନିଷ୍ପତ୍ତି ନିଆଯାଇଛି ।

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ଏହାର ପ୍ରଭାବରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ହେବା ନେଇ ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।